NATIONAL NEWS BULLETIN (ODIA)

7 November - 2026

Mid Bulletin : 1.50 p.m.

ମୁଖ୍ୟ ସମ୍ବାଦ

- ଭାରତ–ଚୀନ ସୀମାରେ ଯବାନଙ୍କ ସହ ଆସନ୍ତାକାଲି ଦୀପାବଳି ପାଳନ କରିବେ ପ୍ରତିରକ୍ଷାମନ୍ତ୍ରୀ

–ଯୁଦ୍ଧ ପରିସ୍ଥିତିର ମୁକାବିଲା ପାଇଁ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ପ୍ରସ୍ତୁତ ରହିବାକୁ ସାମରିକ କର୍ମଚାରୀଙ୍କୁ ଦେଲେ ପରାମର୍ଶ

- ଜାତୀୟ ଗୀତ ବନ୍ଦେ ମାତରମ୍ ରଚନାକୁ ଆଜି ପୂରିଲା ୧୫୧ ବର୍ଷ, ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି
- କର୍ମଚାରୀଙ୍କ ସାମଗ୍ରିକ ସେବା ରେକର୍ଡ, କାର୍ଯ୍ୟଦକ୍ଷତା ଓ ସାଧୁତା ମୂଲ୍ୟାଙ୍କନ ପରେ ଗ୍ରହଣ କରାଯାଇ ପାରିବ ବାଧ୍ୟତାମୂଳକ ଅବସର ନିଷ୍ପତ୍ତି, ସ୍ପଷ୍ଟ କଲେ ସୁପ୍ରିମକୋର୍ଟ
- କର୍କଟ ରୋଗର ପ୍ରାଦୁର୍ଭାବକୁ ହ୍ରାସ କରିବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ଜାତୀୟ କର୍କଟ ସଚେତନତା ଦିବସ

ଏବଂ

- ୱେଲିଂଟନ୍ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍‌ରେ ନିଉଜିଲ୍ୟାଣ୍ଡ ବିପକ୍ଷରେ ୧୩୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତର ବ୍ୟାଟିଂ ଜାରି

ସିକିମ୍-ରାଜନାଥ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆସନ୍ତାକାଲି ସିକିମ୍ ଗସ୍ତରେ ଯାଇ ଭାରତ-ଚୀନ ସୀମାରେ ନିୟୋଜିତ ଯବାନଙ୍କ ସହ ଦୀପାବଳି ପାଳନ କରିବେ । ଏହି ଅବସରରେ ଶ୍ରୀ ସିଂ ରାଷ୍ଟ୍ରସେବା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଉଦ୍ଦେଶ୍ୟରେ ନାଥୁଲା ନିକଟସ୍ଥ ଶେରଥାଙ୍ଗ ଯୁଦ୍ଧ ସ୍ମାରକୀ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ସିଂ ସେଠାରେ ପ୍ରତିରକ୍ଷା କର୍ମଚାରୀଙ୍କ ସହ ମତ ବିନିମୟ କରିବେ ।

ସିକିମ୍ ଗସ୍ତରେ ଯିବା ପୂର୍ବରୁ ଆଜି ଶ୍ରୀ ସିଂ ସିଲିଗୁଡ଼ିର ବାଗ୍‌ଡୋଗ୍ରା ବିମାନ ବନ୍ଦରଠାରେ ବାୟୁସେନା କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି । ଉତ୍ତର-ପୂର୍ବ ଭାରତର ସୁରକ୍ଷାରେ ବାଗ୍‌ଡୋଗ୍ରା ଅଞ୍ଚଳର ଗୁରୁତ୍ୱକୁ ବିଚାରକୁ ନେଇ ଉଚ୍ଚସ୍ତରୀୟ କାର୍ଯ୍ୟ ପ୍ରସ୍ତୁତି ଏବଂ ସତର୍କତା ବଜାୟ ରଖିବା ଅବସରରେ ମନ୍ତ୍ରୀ ଶ୍ରୀ ସିଂହ ଏହି ଅବସରରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସେ କହିଛନ୍ତି, ଯୁଦ୍ଧ ପରିସ୍ଥିତିରେ ଏବେ ବ୍ୟାପକ ପରିବର୍ତ୍ତନ ଘଟୁଛି । ଏହା ଏବେ ପାରମ୍ପରିକ ସ୍ଥିତି ମଧ୍ୟରେ ସୀମିତ ନରହି ସାଇବର, ଡ୍ରୋନ୍ ଏବଂ ସାମାଜିକ ଗଣମାଧ୍ୟମର ଦୁରୁପଯୋଗ ମାଧ୍ୟମରେ ବିଭିନ୍ନ ପ୍ରକାର ଆହ୍ୱାନ ସୃଷ୍ଟି କରାଯାଉଛି । ଏଭଳି ପରିସ୍ଥିତିର ମୁକାବିଲା ପାଇଁ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ସଚେତନ ଏବଂ ପ୍ରସ୍ତୁତ ରହିବାକୁ ସାମରିକ କର୍ମଚାରୀଙ୍କୁ ସେ ପରାମର୍ଶ ଦେଇଛନ୍ତି।

ଶ୍ରୀ ସିଂ ସଶସ୍ତ୍ର ବାହିନୀ ଏବଂ ସ୍ଥାନୀୟ ସଂପ୍ରଦାୟ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କକୁ ମଜବୁତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସେ କହିଛନ୍ତି, ଜନସମର୍ଥନ ଜାତୀୟ ସୁରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ।

ବନ୍ଦେ ମାତରମ

ଜାତୀୟ ଗୀତ ବନ୍ଦେ ମାତରମ୍ ରଚନାର ଆଜି ୧୫୧ ବର୍ଷ ପୂରଣ ହୋଇଛି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ସ୍ୱାଧୀନତା ଆନ୍ଦୋଳନ ସମୟରେ ବନ୍ଦେ ମାତରମ୍ ଦେଶପ୍ରେମୀଙ୍କ ପାଇଁ ସାହସ, ଏକତା ଓ ସଂକଳ୍ପ ଏକ ପ୍ରମୁଖ ମାଧ୍ୟମ ପାଲଟିଥିଲା । ବନ୍ଦେ ମାତରମ୍ ଏବେ ଜାତୀୟ ପରିଚୟ, ସ୍ୱାଭିମାନ ଏବଂ ମାତୃଭୂମି ପ୍ରତି ସମର୍ପଣର ପ୍ରତୀକ ହୋଇଛି ବୋଲି ରାଷ୍ଟ୍ରପତି କହିଛନ୍ତି । ଏହି ଜାତୀୟ ଗୀତ ରାଷ୍ଟ୍ର ପ୍ରଥମ ଭାବନାକୁ ପ୍ରତିଫଳିତ କରିଥାଏ ।

ଶ୍ରୀ ବିର୍ଲା କହିଛନ୍ତି, ୧୮୭୫ ମସିହାରେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏହି କାଳଜୟୀ ଗୀତ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶପ୍ରେମର ଭାବନାକୁ ପ୍ରେରଣା ପ୍ରଦାନ କରିଥିଲା । ୧୯୦୫ ମସିହା ସ୍ୱଦେଶୀ ଆନ୍ଦୋଳନ ବେଳେ ବନ୍ଦେ ମାତରମ୍ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶକ୍ତି ପ୍ରଦାନ କରିବା ସହ ବିଦେଶୀ ଶାସନ ବିରୁଦ୍ଧରେ ପଦକ୍ଷେପକୁ ନୂତନ ଗତି ପ୍ରଦାନ କରିଥିଲା । ଏହି ଜାତୀୟ ଗୀତର ପ୍ରତ୍ୟେକ ଶବ୍ଦ ମାତୃଭୂମି ପ୍ରତି ଭକ୍ତି, ତ୍ୟାଗ, ସମର୍ପଣ ଓ ଗର୍ବକୁ ପ୍ରତିଫଳନ କରୁଛି ।

ରିଜିଜୁ-ଅଲ୍ ରହମା ମସ୍କ

ସାଉଦି ଆରବର ଜେଦ୍ଦାସ୍ଥିତ ଐତିହାସିକ ଅଲ୍ ରହମା ମସ୍‌ଜିଦ୍‌କୁ ଆଜି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜିଜୁ ପରିଦର୍ଶନ କରିଛନ୍ତି । ଭାସମାନ ମସ୍‌ଜିଦ୍ ଭାବେ ଏହା ପରିଚିତ । ଏହି ଅବସରରେ ଶ୍ରୀ ରିଜିଜୁ ଏହି ମସ୍‌ଜିଦ୍‌କୁ ଆଧ୍ୟାତ୍ମିକ ଗୁରୁତ୍ୱ, ସ୍ଥାପତ୍ୟ ଏବଂ ସାଉଦିଆରବର ସମୃଦ୍ଧ ଇସ୍ଲାମିକ ଐତିହ୍ୟର ଉଲ୍ଲେଖନୀୟ ପ୍ରତୀକ ଭାବେ ବର୍ଣ୍ଣନା କରିଛନ୍ତି। ଷଷ୍ଠ ହଜ୍ ସମ୍ମିଳନୀ ଓ ପ୍ରଦର୍ଶନୀ ୨୦୨୬ରେ ଯୋଗଦେବା ପାଇଁ ମନ୍ତ୍ରୀ ଶ୍ରୀ ରିଜିଜୁ ଗତକାଲି ଜେଦାହଠାରେ ପହଞ୍ଚିଛନ୍ତି । ଏହି ଅବସରରେ ସାଉଦିଆରବ ସହିତ ଦ୍ୱିପାକ୍ଷିକ ହଜ୍ ଚୁକ୍ତିନାମା ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ଗସ୍ତ ଅବସରରେ ଆସନ୍ତାବର୍ଷ ଭାରତୀୟ ତୀର୍ଥଯାତ୍ରୀଙ୍କ ପାଇଁ ନିରାପଦ ଓ ସୁଗମ ହଜ୍ ଯାତ୍ରା ସୁନିଶ୍ଚିତ କରିବା ନେଇ ପ୍ରସ୍ତୁତିର ଶ୍ରୀ ରିଜିଜୁ ସମୀକ୍ଷା କରିବେ ।

ଏସ୍‌ସି-କମ୍ପଲ୍ସରୀ ରିଟାୟାରମେଣ୍ଟ

କର୍ମଚାରୀଙ୍କ ସାମଗ୍ରିକ ସେବା ରେକର୍ଡ, କାର୍ଯ୍ୟଦକ୍ଷତା ଏବଂ ସାଧୁତା ମୂଲ୍ୟାଙ୍କନ ପରେ ବାଧ୍ୟତାମୂଳକ ଅବସର ନିଷ୍ପତ୍ତି ଗ୍ରହଣ କରାଯାଇ ପାରିବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି । ଏହା କୌଣସି ଦଣ୍ଡନୀୟ କିମ୍ବା କର୍ମଚାରୀଙ୍କ ବିରୁଦ୍ଧରେ ଅନାଚାର ପଦକ୍ଷେପ ନୁହେଁ ବୋଲି କୋର୍ଟ ଉଲ୍ଲେଖ କରିବା ସହ ଜନସ୍ୱାର୍ଥ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇ ପାରିବ ବୋଲି କହିଛନ୍ତି । ସମାନ ରେକର୍ଡ ଥିବା ଅନ୍ୟ ଜଣେ କର୍ମଚାରୀଙ୍କ ଚାକିରି ବଳବତ୍ତର ରହିଥିବାକୁ ପାଥେୟ କରି ଏଭଳି ବାଧ୍ୟତାମୂଳକ

ଅବସରକୁ ଚ୍ୟାଲେଞ୍ଜ କରି କୋର୍ଟରେ ଆଗତ ଆବେଦନ ଗ୍ରହଣଯୋଗ୍ୟ ନୁହେଁ ବୋଲି ବିଚାରପତି ଜଷ୍ଟିସ୍ ମନମୋହନ ଏବଂ ଜଷ୍ଟିସ୍ ଶ୍ରୀ ଚନ୍ଦ୍ରଶେଖରଙ୍କ ଖଣ୍ଡପୀଠ କହିଛନ୍ତି । ବାଧ୍ୟତାମୂଳକ ଅବସର ନିର୍ଦ୍ଦେଶ ମନୋମୁଖୀ କିମ୍ବା ପକ୍ଷପାତ ଦ୍ୱାରା ପ୍ରଭାବିତ ହୋଇଥିଲେ ନ୍ୟାୟିକ ହସ୍ତକ୍ଷେପ ଯଥାର୍ଥ ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ, ଛତିଶଗଡ଼ ସରକାରଙ୍କ ୧୪ ଜଣ କର୍ମଚାରୀଙ୍କ ମଧ୍ୟରୁ ୫ ଜଣଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବା ନିଷ୍ପତ୍ତି ବିରୁଦ୍ଧରେ ଆଗତ ଆବେଦନର ଶୁଣାରି କରି ଖଣ୍ଡପୀଠ ଏହି ରାୟ ପ୍ରକାଶ କରିଛନ୍ତି । ଗତକାଲି କୋର୍ଟରେ ହୋଇଥିବା ଏହି ଶୁଣାଣି ବେଳେ ଖଣ୍ଡପୀଠ କହିଛନ୍ତି, ଯାଞ୍ଚ କମିଟିର ନିଷ୍ପତ୍ତିକୁ ସଠିକ୍ ଦର୍ଶାଇଛନ୍ତି । ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରିନଥିବାରୁ ଏହି ୫ ଜଣ କର୍ମଚାରୀ ନିରନ୍ତର ସେବା ପ୍ରଦାନ ପାଇଁ ଅନୁପଯୁକ୍ତ ବୋଲି ଦର୍ଶାଇ ଯାଞ୍ଚ କମିଟି ସେମାନଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରିବା ନେଇ ସୁପାରିଶ୍ କରିଥିଲେ। ଅନ୍ୟ ୯ ଜଣ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରୁଥିବାରୁ ସୋମାନଙ୍କ ଚାକିରି ବଳବତ୍ତର ରହିଛି ।

ନ୍ୟାଶନାଲ୍ କ୍ୟାନ୍ସର ଡେ

ଦେଶରେ କର୍କଟ ରୋଗର ପ୍ରାଦୁର୍ଭାବକୁ ହ୍ରାସ କରିବା ଏବଂ ଏହାର ନିରାକରଣ ନେଇ ଲୋକଙ୍କୁ ସୂଚନା ପ୍ରଦାନ କରିବା ଲକ୍ଷ୍ୟରେ ଆଜି ଜାତୀୟ କର୍କଟ ସଚେତନତା ଦିବସ ପାଳନ କରାଯାଉଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏହି ଦିବସ ଅବସରରେ ପ୍ରାରମ୍ଭିକ ଲକ୍ଷ୍ୟଣଗୁଡ଼ିକୁ ଚିହ୍ନଟ କରିବା, ସମୟୋଚ୍ଚିତ ପରୀକ୍ଷା ଏବଂ ଚିକିତ୍ସା କରିବା ନେଇ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ

ପୋଷ୍ଟରେ ଶ୍ରୀ ନଡ୍ଡା କହିଛନ୍ତି, କର୍କଟ ରୋଗକୁ ପ୍ରତିହତ କରିବାକୁ ହେଲେ ଏଥିପାଇଁ ସଚେତନତା ଜରୁରୀ । ମୁଖ, ସ୍ତନ ଏବଂ ଗର୍ଭାଶୟ କର୍କଟ ସମେତ ଅନ୍ୟାନ୍ୟ କର୍କଟ ରୋଗ ପାଇଁ ମଧ୍ୟ ସମୟୋଚିତ ପରୀକ୍ଷା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ତମାଖୁ ଓ ମଦ୍ୟପାନଠାରୁ ଦୂରେଇ ରହିବା, ନିୟମିତ ବ୍ୟାୟାମ କରିବା ଏବଂ ପୁଷ୍ଟିକର ଖାଦ୍ୟ ମାଧ୍ୟମରେ ସୁସ୍ଥ ଜୀବନଶୈଳୀ ଆପଣେଇବାକୁ ମନ୍ତ୍ରୀ ଶ୍ରୀ ନଡ୍ଡା ଆହ୍ୱାନ ଦେଇଛନ୍ତି । କର୍କଟ ଚିହ୍ନଟ ପରୀକ୍ଷା ପାଇଁ ନିକଟତମ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ସେ ପରାମର୍ଶ ଦେଇଛନ୍ତି ।

ଅଯୋଧ୍ୟା ଦୀପୋତ୍ସବ

ଉତରପ୍ରଦେଶର ଅଯୋଧ୍ୟାରେ ଆଜି ଦଶମ ଦୀପୋତ୍ସବ ପାଳନ କରାଯିବ। ଦୀପାବଳି ପୂର୍ବସନ୍ଧ୍ୟାରେ ପବିତ୍ର ନଗରୀ ଅଯୋଧ୍ୟାରେ ୩୦ ଲକ୍ଷରୁ ଅଧିକ ମାଟିଦୀପର ଆଲୋକରେ ଉଦ୍ଭାସିତ ହେବ। ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏହି ଉତ୍ସବରେ ଯୋଗଦେବେ। ଗତ ସମୟରେ ସେ ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ପ୍ରଭୁ ଶ୍ରୀରାମଙ୍କ ପ୍ରତୀକାତ୍ମକ ରାଜ୍ୟାଭିଷେକ ସମାରୋହରେ ଯୋଗଦେବେ। ଏହା ସହିତ ସେ ସମ୍ମାନନୀୟ ସାଧୁସନ୍ଥମାନଙ୍କୁ ସମ୍ବର୍ଦ୍ଧିତ କରିବେ।

ଚଳିତବର୍ଷ ଦେଶ ବିଦେଶରୁ ପ୍ରାୟ ଅଢ଼େଇହଜାର କଳାକାର ୧୨ଟି ପର୍ଯ୍ୟାୟରେ ରାମଲୀଳା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ନେପାଳ, ଲାଓସ୍ ଏବଂ ଥାଇଲ୍ୟାଣ୍ଡର କଳାକାର ଏହି କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି । ରାମକଥା ପାର୍କଠାରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଛି ।

ଅଯୋଧ୍ୟାର ୫୦୦ ବର୍ଷର ଐତିହାସିକ ଯାତ୍ରା, ରାମ ମନ୍ଦିର ନିର୍ମାଣ ଏବଂ ପାରିପାର୍ଶ୍ୱିକ ପରିବର୍ତ୍ତନକୁ ଏହି ପ୍ରଦର୍ଶନୀ ମାଧ୍ୟମରେ ଲୋକଙ୍କୁ ଅବଗତ କରାଯିବ । ଅଯୋଧ୍ୟାର ଏହି ଦୀପୋତ୍ସବକୁ ଆନ୍ତର୍ଜାତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ଗଢ଼ିତୋଳିବାକୁ ଲକ୍ଷ୍ୟ ରଖାଯାଇଛି ।

ୟୁ.ଏସ୍. - ପ୍ରେଜ୍ ଦିୱାଲି

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ଆୟୋଜିତ ଦୀପାବଳି ଉତ୍ସବରେ ଯୋଗ ଦେଇଛନ୍ତି। ଏହି ଉତ୍ସବ ଅବସରରେ ଓଭାଲ୍ ଅଫିସ୍‌ରେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଆମେରିକାରେ ଭାରତର ରାଷ୍ଟ୍ରଦୂତ ବିନୟ କ୍ୱାତ୍ରା ମଧ୍ୟ ସାମିଲ ଥିଲେ।

୨୦୦୩ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ. ବୁଶ୍ ହ୍ୱାଇଟ୍ ହାଉସ୍‌ରେ ଦୀପାବଳି ଉତ୍ସବ ପାଳନର ପରମ୍ପରା ଆରମ୍ଭ କରିଥିଲେ। ପ୍ରାରମ୍ଭରେ ଭାରତୀୟ-ଆମେରିକୀୟ ସମୁଦାୟର ସଦସ୍ୟ ଏବଂ ଭାରତୀୟ କୂଟନୀତିଜ୍ଞଙ୍କ ଉପସ୍ଥିତିରେ ଅଧିକାଂଶ ଉତ୍ସବ ଆୟୋଜିତ ହେଉଥିଲା।

କ୍ରିକେଟ୍

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ପୁରୁଷ ଏକଦିବସୀୟ କ୍ରିକେଟ୍ ସିରିଜର ଦ୍ୱିତୀୟ ମ୍ୟାଚ୍ ୱେଲିଂଟନ୍‌ଠାରେ ଖେଳାଯାଉଛି । ଟସ୍ ଜିତି ଭାରତ ନିଉଜିଲ୍ୟାଣ୍ଡକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ନିଉଜିଲ୍ୟାଣ୍ଡ ୧୩୪ ରନ୍ କରିବାକୁ ସକ୍ଷମ ହୋଇଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୧୩୫ ରନର ପିଛା କରି ୧୭ ଓଭରରେ ୪ ୱିକେଟ୍ ବିନିମୟରେ ୭୧ ରନ୍ ସଂଗ୍ରହ କରିଛି । ବର୍ଷା ଯୋଗୁଁ ମ୍ୟାଚ୍‌କୁ ୪୭ ଓଭରକୁ ହ୍ରାସ କରାଯାଇଛି ।

ପ୍ରଥମ ମ୍ୟାଚ୍‌ରେ ଅକଲାଣ୍ଡଠାରେ ଭାରତ ୫ ୱିକେଟ୍‌ରେ ବିଜୟୀ ହୋଇ ଶୃଙ୍ଖଳାରେ ୧-୦ରେ ଆଗୁଆ ରହିଛି ।